
ଆଳି


କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି


ଗରଦପୁର


ରାଜକନିକା


ପଟ୍ଟାମୁଣ୍ଡାଇ


ପଟ୍ଟାମୁଣ୍ଡାଇ


କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି

# ବୁଲୁଛି ଅର୍ପଣ ରଥ; ପୁରପଲ୍ଲୀରେ ଭକ୍ତିମୟ ପରିବେଶ

କେନ୍ଦ୍ରାପଡା,୧୦।୧(ସମିସ)

ତୁଳସୀ କ୍ଷେତ୍ରରେ ପୁରପଲ୍ଲୀରେ ''ଅର୍ପଣ ରଥ'କୁ ଭବ୍ୟ ସ୍ୱାଗତ କରାଯାଉଛି। ରଙ୍ଗବେରଙ୍ଗ ମୁରୁଜ ସାଙ୍ଗକୁ ଝୋଟିଚିତା ପକାଇ ଗାଁ ଦାଣ୍ଡକୁ ଶ୍ରଦ୍ଧାଳୁ ସଜେଇ ରଖିଛନ୍ତି। ସଂକୀର୍ତ୍ତନ, ଘଂଟଘଂଟା, ଶଙ୍ଖଧ୍ୱନି, ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ସବୁଠି ସୃଷ୍ଟି ହୋଇଛି ଭାବମୟ ପରିବେଶ। କେନ୍ଦ୍ରାପଡାବାସୀ ଶ୍ରଦ୍ଧାର ସହ ଅକ୍ଷତ (ଅରୁଆ ଚାଉଳ) ଓ ଗୁଆ ସମର୍ପି ଦେଉଛନ୍ତି। ମଙ୍ଗଳବାର ଗରଦପୁର ବ୍ଲକ୍‌ର ବନ୍ତଲା, ଭଗବାନପୁର, ପାଟକୁରା ଗ୍ରାମ ପଞ୍ଚାୟତରେ ଅକ୍ଷତ ଓ ଗୁଆ ସଂଗ୍ରହ କରିଥିଲା ଅର୍ପଣ ରଥ। ସେହିପରି ଆଳି ବ୍ଲକ୍‌ର କୋଳଡିହ, ବାଳକାଟି ଗ୍ରାମ ପଞ୍ଚାୟତରେ ଆଜି ''ଅର୍ପଣ ରଥ' ବୁଲିଥିବା ବେଳେ ଡିମିରିପାଳ, ଚଣ୍ଡିଆଗଡି, ଅଟାଳ, ନିଆଳ ଗ୍ରାମ ପଞ୍ଚାୟତ ଭ୍ରମଣ କରିସାରିଛି ''ଅର୍ପଣ ରଥ।' ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ୍‌ର କଖାରୁଣି, ନରସିଂହପୁର, ତରଡିପାଳ, ଶ୍ରୀରାମପୁର, ବଲୁରିଆ, ଓଉପଦା, ବଡପଡା ଆଦି ଗ୍ରାମ ପଞ୍ଚାୟତରେ ଆଜି ଗଡିଛି ''ଅର୍ପଣ ରଥ।' କଖାରୁଣି ଗ୍ରାମ ପଞ୍ଚାୟତ ଭ୍ରମଣ ବେଳେ ରାଜନଗର ବିଧାୟକ ଧ୍ରୁବ ସାହୁ ''ଅର୍ପଣ ରଥ' ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ରାଜକନିକା ବ୍ଲକ୍‌ର ବରଡିଆ, ଜୟନଗର, କୋଇଲିପୁର, ଓଳାଭର, ବରୁଣା, ଟରସ, ପଣସଗଣ୍ଡା, ପଧାନପଡା, ନହୁଣୀ, ହାଟସାହି ଓ କେ.ବଣିଆ ଗାଁରେ ଆଜି ଅର୍ପଣ ରଥ ପରିକ୍ରମା କରିଛି। ଡେରାବିଶ ବ୍ଲକ୍‌ର ଛୋଟି, କୁରଜଙ୍ଗ, କୁସିଆପାଳ, ଜାଆଁରାବାରିମୂଳ, ନରସିଂହପୁର, ଏଣ୍ଡର, ଦାନପୁର, କଉପଦା, ଏଲ୍‌ଏନ୍‌ପୁର, ମୁକୁନ୍ଦପୁର ଗ୍ରାମ ପଞ୍ଚାୟତରେ ଅର୍ପଣ ରଥ ଭ୍ରମଣ କରି ଶ୍ରଦ୍ଧାଳୁଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛି।


ମହାକାଳପଡ଼ା

କେନ୍ଦ୍ରାପଡା ମୁନିସିପାଲିଟିର ୧, ୨, ୩, ୪, ୧୭, ୧୮, ୨୦ ଓ ୨୧ ନମ୍ବର ୱାର୍ଡରେ ଭ୍ରମଣ କରି ଲୋକଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛି ଅର୍ପଣ ରଥ। ସେହିପରି କେନ୍ଦ୍ରାପଡା ବ୍ଲକ୍‌ର ବାରୋ, କଂସାର, କଳପଡ଼ା, ଭରତପୁର, ଗୁଲନଗର, ସାନମାଣତିଆ, ଇନ୍ଦୁପୁର ଗ୍ରାମ ପଞ୍ଚାୟତରେ ଆଜି ଅର୍ପଣ ରଥ ଭ୍ରମଣ କରିଛି।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲାପରିଷଦ ସଦସ୍ୟଙ୍କ ପ୍ରତିନିଧି ଦେବଦତ୍ତ ପରିଡା, ସରପଞ୍ଚ ନିବେଦିତା ଦାସ, ସମିତି ସଭ୍ୟ ସରୋଜକାନ୍ତ ପରିଡାଙ୍କ ତତ୍ତ୍ୱାବଧାନରେ ଶହ ଶହ ଜଗନ୍ନାଥ ପ୍ରେମୀ ଅର୍ପଣ ରଥକୁ ସ୍ୱାଗତ କରିଥିଲେ। ଏହି ପଞ୍ଚାୟତର ଓରତ, ଓଳିହା, ଦେଉଳପଡା, ରାମକଣି, ଅମ୍ବିରାବାଦ, ଚଣ୍ଡିଆପଲ୍ଲୀ,ନଳପଦା ଆଦି ଗ୍ରାମ ପରିକ୍ରମା କରିଥିଲା ଅର୍ପଣ ରଥ। ଜିଲ୍ଲାପରିଷଦ ସଦସ୍ୟା ଅନୁରାଧା ସ୍ୱାଇଁ,ଜୟଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ସାମଲ, ସମିତି ସଭ୍ୟା କଲ୍ୟାଣୀ ରାଉତଙ୍କ ତତ୍ତ୍ୱାବଧାନରେ ଜୟଚନ୍ଦ୍ରପୁରର ବଡଗାଁ,ଜୟଚନ୍ଦ୍ରପୁର, ସାନ ଗାଁ ଗ୍ରାମରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ଗାଁ ଗାଁ ରେ ପୂଜାର୍ଚ୍ଚନା କରି ଅକ୍ଷତ ଚାଉଳ, ଗୁଆ, ନଡ଼ିଆ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଯୁବନେତା ଧର୍ମପଦ ଦାସ,ପ୍ରସନ୍ନ ସାମଲ, ମଣ୍ଟୁନି ବେହେରା, କୁନାଲ ବସନ୍ତିଆ, ଏମବିକେ ଅର୍ଚ୍ଚନା ନାୟକ, ମାମୁନି ସ୍ୱାଇଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେହିପରି ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କ ତତ୍ତ୍ୱାବଧାନରେ ନାମ ସଂକୀର୍ତ୍ତନ ସହିତ ଜୟ ଜଗନ୍ନାଥ ଅର୍ପଣ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା।

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ମେହେନ୍ଦିନଗର ଓ ଆୟତିପୁର ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ଧର୍ମୀୟ ପରିବେଶ ମଧ୍ୟରେ ଭଜନ, କୀର୍ତ୍ତନ ଘଣ୍ଟ, ଘଣ୍ଟା ହୁଳହୁଳୀ ଓ ହରିବୋଲ ଧ୍ୱନୀରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମେହେନ୍ଦିନଗର ପଞ୍ଚାୟତ କରାଣ୍ଡିଆପାଟଣା ସାଇ ମନ୍ଦିରରୁ ଅର୍ପଣ ରଥ ପୂଜାର୍ଚ୍ଚନାକରାଯାଇ ପ ଞ୍ଚାୟତ ପରିକ୍ରମାକରିଥିଲା। ଜିଲାପରିସଦ ସଭ୍ୟ ପ୍ରମୋଦ କୁମାର ରଥଙ୍କ ପୌରହିତରେ ସରପଞ୍ଚ ବିଦ୍ୟୁପ୍ରଭା ସେଠୀ,ଭରତ ଲେଙ୍କାଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସଂକୀର୍ତ୍ତନ ଦଳ ଶୋଭାଯାତୟରେ ରଙ୍ଗାଳ, ବାହାକଣ୍ଡିଆ, ମେହେନ୍ଦିନଗର କରାଣ୍ଡିଆପାଟଣା ପ୍ରମୁଖ ପରିକ୍ରମାକ ରିଥିଲେ । ସେହିପରି ଯୁବ ସମାଜସେବୀ ଆସୁତୋଷ ପାତ୍ରଙ୍କ ନେତୃତ୍ୱରେ


ଓଳାଭର

ଜିଲାପରିଷଦ ସଭ୍ୟ ଶ୍ରୀ ରଥ, ସରପଞ୍ଚ ସୁପ୍ରିୟା ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ବରିଷ୍ଠନେତା ବାସୁଦେବ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ଡ଼ିହବଲରାମପୁର, ବାଲିସିଂ, ଆୟତିପୁରରେ ପରିକ୍ରମାରଥକୁ ପ୍ରତଘର ଧୂପଦୀପ ଅର୍ଥଦାନ ସହ ଅରୁଆଚାଉ ଓ ଗୁଆ ଦାନକରାଯାଇଥିଲା।

**ଓଳାଭର:** ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିଲାଗି ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ପରିକ୍ରମା କରିବ ଜଗନ୍ନାଥ ରଥ। ଏହିକ୍ରମରେ ରାଜକନିକା ବ୍ଲକର ଓଳାଭର ପଞ୍ଚାୟତର ଦେଉଳସାହି, ଓଳାଭର, ନରସିଂହପୁର, ବାଲିସାହି, ଗ୍ରାମରେ ଜଗନ୍ନାଥ ରଥ ପରିକ୍ରମା କରାଯାଇଛି। ଏହି ଅବସରରେ ବିଭିନ୍ନ ଗ୍ରାମରେ ପ୍ରତିଘରୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆଚାଉଳ, ଗୁଆ ସଂଗ୍ରହ କରାଯାଇଛି। ପ୍ରତି ଗ୍ରାମରେ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଜଗନ୍ନାଥ ରଥକୁ ଗ୍ରାମ ପରିକ୍ରମା କରାଯାଇ ସହ ସହ ଗ୍ରାମବାସୀଙ୍କ ଉପସ୍ଥିତରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ରଥ ପରିକ୍ରମା କାର୍ଯ୍ୟକ୍ରମରେ ଓଳାଭର ସରପଞ୍ଚ ନହୁଷ ନାୟକ, ସସ୍ମିତା ଦାସ, ପିତାମ୍ବର ନାଥ, ଲକ୍ଷ୍ମୀଧର ନାୟକ ଓ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଯଆଁରାବାରିମୂଳରେ ଉଦ୍‌ଯାପନ ହେଲା ଅର୍ପଣ ରଥ

**ଡେରାବିଶ,୧୦।୧(ସମିସ):** ଡେରାବିଶ ବ୍ଲକ ଅର୍ନ୍ତଗତ ଯଆଁରାବାରିମୂଳ ପଞ୍ଚାୟତରେ ଆଜି ଶ୍ରୀଜଗନ୍ନାଥଙ୍କ ପରିକ୍ରମା ଅର୍ପଣ ରଥ କାର୍ଯ୍ୟକ୍ରମର ଉଦ୍‌ଯାପନ ହୋଇଯାଇଛି। ଏହି ରଥ ଗତ ଦୁଇଦିନ ହେବ ପଞ୍ଚାୟତ ଅଧୀନ ଯଆଁରାବାରିମୂଳ ଗ୍ରାମସ୍ଥିତ ଇଚ୍ଛାବିହାରୀ ମହାପୁରୁଷଙ୍କ ପୀଠରୁ ବାହାରି ଦୁଇ ଦିନ ମଧ୍ୟରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲ। ମଙ୍ଗଳବାର ରଥ ପରିକ୍ରମା କାର୍ଯ୍ୟର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ



### ଭକ୍ତି ଓ ଭାବାବେଗ ସହ ଶ୍ରଦ୍ଧାଳୁଙ୍କ ଅକ୍ଷତ ଓ ଗୁଆ ଅର୍ପଣ

ବିଜେଡି କାର୍ଯ୍ୟକାରଣୀ ସଦସ୍ୟ ସଂଜୟ ଅଗ୍ରୱାଲ, ଯଆଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡା, ସମାଜସେବୀ ରଜତ ବଳ, ଶିକ୍ଷାବିତ୍ ରମେଶ ରାଉତ, କୃଷ୍ଣଚନ୍ଦ୍ର ବଳ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ କୈଳାସ ପରିଡା, ଯୋଗାନନ୍ଦ ମହାନ୍ତି, ପଞ୍ଚାୟତ ଫେଡେରେସନ୍‌ର ସଭାନେତ୍ରୀ ହରପ୍ରିୟା ପରିଡା, ସମ୍ପାଦିକା ଅନିତା ମଞ୍ଜରୀ ରାଉତ, ଏମ୍‌ବିକେ ସ୍ୱୟଂପ୍ରଭା ମିଶ୍ର, ସମସ୍ତ ସିଆରପି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ସମେତ ବହୁ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଇଥିଲେ। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ପରିବାର ସେମାନଙ୍କ ଘର ସମ୍ମୁଖରେ ମୁରୁଜ ଓ ଚିତା ପକାଇବା ସହ ଶ୍ରୀ ଜଗନ୍ନାଥଙ୍କୁ ଭାବପୂର୍ଣ୍ଣ ସ୍ୱାଗତ କରିଥିଲେ ଓ ଶ୍ରୀମନ୍ଦିର ପାଇଁ ରଥରେ ଥିବା ଦୁଇଟି ପାତ୍ରରେ ଅକ୍ଷତ ଓ ଗୁଆ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଏହି ରଥ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ଗ୍ରାମ ପରିକ୍ରମା ସାରି ପୁନର୍ବାର ଇଚ୍ଛାବିହାରୀ ମହାପୁରୁଷଙ୍କ ନିକଟକୁ ଫେରି ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ବନେନ୍ଦୁ ସ୍ୱାଇଁ ପରିଚାଳନା କରିଥିଲେ। ସେହିପରି ବ୍ଲକ ଅଧୀନସ୍ଥ କୁରୁଜଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶ୍ରୀ ଜଗନ୍ନାଥ ପରିକ୍ରମା ଅର୍ପଣ ରଥର ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଶୁଭାରମ୍ଭ କରିଥିଲେ। ସେହିପରି ନରସିଂହପୁର ପଞ୍ଚାୟତରେ ସୋମବାର ଠାରୁ ଆରମ୍ଭ ହୋଇଥିବା ଅର୍ପଣ ରଥ କାର୍ଯ୍ୟକ୍ରମ ଆଜି ତୃତୀୟ ଦିନରେ ପହଞ୍ଚିଛି। ସରପଞ୍ଚ ସୁଧୀର କୁମାର ଖଟୁଆ ଓ ଅନ୍ୟମାନଙ୍କ ନେତୃତ୍ୱରେ ଏହି ରଥ ପରିକ୍ରମା ଜାରି ରହିଛି।

# କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର ବାର୍ଷିକ ଅଧିବେଶନ

**ଡେରାବିଶ,୧୦।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ନବବର୍ଷ ୨୦୨୪ ଅବସରରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତା ଠାରେ ଥିବା କୃଷକ ଭବନରେ ବନ୍ଧୁମିଳନ ଓ ବାର୍ଷିକ ଅଧିବେଶନ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତା କରି ଉପସ୍ଥିତ ସମସ୍ତ ସଂଘର ସଦସ୍ୟ ଓ ଚାଷୀମାନଙ୍କୁ ସଂଗ୍ରାମୀ ଅଭିବାଦନ ଜଣାଇଥିଲେ। ଦୀର୍ଘ ୩୮ ବର୍ଷ ଧରି ଜିଲ୍ଲାର ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଯାଏ ସଂଘ ପକ୍ଷରୁ ଦାବି ଉପସ୍ଥାପନା ସହ ଜିଲ୍ଲାର ବିଭିନ୍ନ ସାଧାରଣ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିଆସିଛି ବୋଲି ସଭାପତି କହିଥିଲେ। ଏହି ବନ୍ଧୁ ମିଳନ ଓ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସମ୍ମାନିତ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସଂଘ ଉପଦେଷ୍ଟା କୁଳମଣି ପରିଡ଼ା, ଅଧ୍ୟାପକ ପରିକ୍ଷିତ ନାୟକ ଯୋଗଦେଇ ଡେରାବିଶ ବ୍ଲକ ସମେତ ସମଗ୍ର ଜିଲ୍ଲାରେ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ସହ ଜିଲ୍ଲା ଚାଷୀ ଶ୍ରମିକ ସଂଘ ନିଜକୁ ଜଡ଼ିତ କରିଛି। ଅତିଥିଭାବେ ଅନନ୍ତ କିଶୋର ଭୂୟାଁ ଯୋଗଦେଇ ଦୀର୍ଘ ବର୍ଷ ହେଲା ଜମିଜମା ସଂକ୍ରାନ୍ତୀୟ ସମସ୍ୟା ନେଇ ଡେରାବିଶ ତହସିଲ ଅଧୀନ ୨୬ ଗୋଟି ପଞ୍ଚାୟତର ଅଧିବାସୀମାନେ ସମସ୍ୟାରେ ଜର୍ଜ୍ଜରିତ ହେଉଛନ୍ତି। ଛତାଠାରେ ଥିବା ଡେରାବିଶ ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ଖୋଲିବା ପାଇଁ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଆହୁରି ଶାଣିତ କରାଯିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ।

ଏହି ସଭାରେ କେନ୍ଦ୍ରାପଡ଼ା, ଡେରାବିଶ, ଗରଦପୁର ଓ କନିକା ବ୍ଲକ ପାଇଁ ବ୍ଲକସ୍ତରୀୟ ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିସହିତ ଡେରାବିଶ ବ୍ଲକର ଚାଟରାଚକଡ଼ା, କାଉପଡ଼ା, କୁରୁଜଙ୍ଗା, ନରସିଂହପୁର, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର, ପଞ୍ଚାୟତ ସ୍ତରୀୟ କମିଟି ପୁର୍ନଗଠନେ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକର ଭାଗବତପୁର, ଜମଧର, ଶ୍ୟାମସୁନ୍ଦରପୁର, ଚକ୍ରୋଡ଼ା, ଭରତପୁର, ପୁରୁଷୋତମପୁର ପଞ୍ଚାୟତର କମିଟି ମଧ୍ୟ ପୁର୍ନଗଠିତ ହୋଇଛି। ଏହି ସଭାରେ ସଂଘ ସମ୍ପାଦକ କୃତିବାସ ଦାସ ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ପଲେଇ, ଭରତ ସିଂହ, ଭାଗବତ ମଲିକ, ଶରତ ଚନ୍ଦ୍ର ମଲିକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭାରେ ସଂଘର ବରିଷ୍ଠ ସଦସ୍ୟ ତଥା ଅଗ୍ରଣୀ ଚାଷୀ ମଙ୍ଗୁଳି ଚରଣ ବେହେରା, ଅଧ୍ୟାପକ ପରୀକ୍ଷିତ ନାୟକ, ଅନ ପଲାଇ ଓ କମଳ କୁମାର ମହାନ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଗୋବିନ୍ଦ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରଡାଙ୍ଗ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ମହାକାଳପଡ଼ା,୧୦ ।୧(ସମିସ):** ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ କ୍ରୟ ସରକାରୀ ମଣ୍ଡି ବୁଧବାର ଉଦଘାଟିତ ହୋଇ ଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମହାକାଳପଡ଼ାର ଶାଖା ପରିଚାଳକ ଅକ୍ଷୟ କୁମାର ଦାସ ଓ ମହାକାଳପଡ଼ା ବ୍ଲକର ଆଲା ଅଧକ୍ଷ ବିଜୟ କୁମାର ଜେନା ଅତିଥି



ଭାବରେ ଯୋଗ ଦେଇଥିଲେ। ସମିତି ର ସଭାପତି ସୁଶାନ୍ତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ନିର୍ଦ୍ଦେଶକ ପତିତପାବନ ବେହେରା, ରତ୍ନାକର ମହାନ୍ତି, ପ୍ରଶାନ୍ତ ନାୟକ, ଅମୃତ ଦାସ, ରବୀନ୍ଦ୍ର ମଣ୍ଡଳ, ମୁରଲୀଧର ଦାସ, ସୁଧୀର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ଦେବେନ୍ଦ୍ର ସାହୁ, ସହ ସମ୍ପାଦକ ପ୍ରଭାତ କୁମାର ପରମାଣିକ, ଡିଇଓ ଦେବସ୍ମିତା ମହାନ୍ତି, କର୍ମଚାରୀ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୋଲା ଆକାଶ ତଳେ ମାନସିକ ଭିନ୍ନକ୍ଷମ ଯୁବତୀ



**ରାଜକନିକା,୯ ।୧(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତ କଇଥାପାଳ ଗାଁର ବିଭିନ୍ନ ସ୍ଥାନରେ ଜଣେ ଅଜଣା ମାନସିକ ଭିନ୍ନକ୍ଷମ ଯୁବତୀ ନିଶ୍ଚଳ ହୋଇ ଠିଆ ହୋଇ ରହିଥିବାର ଦେଖାଦେଇଛି।ଏମିତିକିଏବେ ଥଣ୍ଡା ଲହରୀ ଭିତରେ ବି ସେ ଖୋଲା ଆକାଶ ତଳେ ନିଶ୍ଚଳ ଭାବେ ଠିଆ ହୋଇ ରହିବା ସମସ୍ତଙ୍କୁ ବ୍ୟଥିତ କରୁଛି।ସୂଚନା ଅନୁସାରେ ଏହିଯୁବତୀ ଟି କିଏ କୋଉଠି ଆସିଛି ତାହା ତ କେହି କହି ପାରୁ ନାହାନ୍ତି।ଦୁଇବର୍ଷ ତଳେ ଯୁବତୀ ଜଣକ ହଠାତ୍ ଏହି ଗାଁ କୁ ଆସି ଏଯାଏ ରହିଛି। ପଚାରିଲେ କିଛି କହି ପାରୁ ନ ଥିବା ଯୁବତୀର ବୟସ କୋଡ଼ିଏ ଭିତରେହେବ। ବେଶଭୂଷା, ଅଙ୍ଗଭଙ୍ଗି, ଚାଲି ଚଳନ ଆଦିରୁ ସେ ଜଣେ ମାନସିକବିକାର ଗ୍ରସ୍ତ ବୋଲି ଜଣା ପଡୁଛି।ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସେ ବେଶୀ ସମୟ ଠିଆ ହୋଇ ରହୁ ନ ଥିବା ବେଳେ ବିଭିନ୍ନ ସମୟରେ ରାସ୍ତା କଡରେ ନିରବ ଭାବେ ଚୁପ୍ ଚାପ୍ କେବଳ ଠିଆ ହୋଇ ରହୁଛି। ଗାଁଲୋକେତାକୁ ସହାୟତା ଯୋଗାଇବା ସହ ଖାଦ୍ୟପେୟ ଦେଲେ ବି ସେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନ ବଦଳାଉଛି।କହିବାକୁ ଗଲେ ରାସ୍ତା କଡ ହିଁ ତାର ବାସ ସ୍ଥାନ ବୋଲି ମାନି ନେଉଛି।ଲୋକେ ଦେଉଥିବା ପୁରୁଣା ବସ୍ତ୍ରକୁ ମଧ୍ୟ ଜାବୁଡ଼ି ଧରି ଠିଆ ହୋଇ ରହୁଛି।ପଦୁଟିଏ କଥା ବି ମୁହଁରୁ ବାହାରୁନ ଥିବାରୁ ଯୁବତୀ ସମ୍ପର୍କରେ କେହି କିଛି ଜାଣି ପାରୁ ନାହାନ୍ତି।ତେବେ ଏଭଳି ଜଣେ ମାନସିକଭିନ୍ନକ୍ଷମ ଯୁବତୀଙ୍କୁ ସରକାରଙ୍କ ପକ୍ଷରୁ ଥଇଥାନ କରା ଯିବାର ଆବଶ୍ୟକତା ଅଛି ବୋଲି ଗାଁ ଲୋକେ କହିଛନ୍ତି।

## ଦଳଭର୍ତ୍ତି ଠାକୁରାଣୀ ପୋଖରୀ: ପୁନରୁଦ୍ଧାର ଦାବି

**ମହୁ,୧୦।୧(ସମିସ):** ମହୁ ପଞ୍ଚାୟତର କେନ୍ଦ୍ରସ୍ଥଳରେ ରହିଛି ଠାକୁରାଣୀ ପୋଖରୀ। ଦିନଥିଲା ଏହି ପୋଖରୀର ଗ୍ରାମବାସୀ ଗାଧୋଇବା ସହ ଅନ୍ୟାନ୍ୟ କାମ ପାଇଁ ବ୍ୟବହାର କରୁଥିଲେ। ଏହି ପୋଖରୀରେ ମାଛ ଚାଷ ବି ହେଉଥିଲା। ମାତ୍ର ଏବେ ଏହା ଦଳଭର୍ତ୍ତି ହୋଇ ଖେଳ ପଡିଆର ଭ୍ରମ ସୃଷ୍ଟି କରୁଛି। ପୋଖରୀ ନିକଟରେ ପଞ୍ଚାୟତର ମୁଖ୍ୟସ୍ଥାନ କଚେରୀ ଛକ ରହିଥିବାବେଳେ ମେଡିକାଲ, ପଞ୍ଚାୟତ ଅଫିସ, ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ଠାକୁରାଣୀ ମନ୍ଦିର ଓ ଜନବସତି ରହିଛି। ଦଳଭର୍ତ୍ତି ଏହି ପୋଖରୀରେ ମଶାବଂଶ ବୃଦ୍ଧି ଯୋଗୁ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସରକାର ମହିଳାମାନଙ୍କ ସ୍ୱାବଲମ୍ବୀ ପାଇଁ ବହୁ ଯୋଜନା କରୁଛନ୍ତି। ଏହି ପୋଖରୀର ପୁନରୁଦ୍ଧାର କରି ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମାଛଚାଷ ପାଇଁ ଦେବାକୁ ଦାବି ହେଉଛି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

# ନହଙ୍ଗ ସମିତିରେ ଖୋଲିଲା ଧାନମଣ୍ଡି



**ପଞ୍ଚୁପାଣ୍ଡବ, ୧୦।୧(ସମିସ):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଡେରାବିଶ ବ୍ଲକ ନହଙ୍ଗ ପ୍ରାଥମିକ ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଭାଗବତ ସାହୁ ଏହି ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଏଆରସିଏସ୍ ଓ ସମ୍ମାନିତ ଅତିଥି ଭାବେ ସିସିବିର ଚାନ୍ଦୋଳ ଶାଖା ପରିଚାଳକ ଜୟନ୍ତୀ ପତି ଯୋଗ ଦେଇଥିଲେ। ସମ୍ପାଦକ ଗୌରାଙ୍ଗ ଚରଣ ପ୍ରଧାନ ଧାନମଣ୍ଡିରେ ଧାନ କ୍ରୟ ସମୟରେ କେଉଁ କେଉଁ ନିୟମ ପାଳନ କରାଯାଇ ଧାନ କିଣାଯିବ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ କେନ୍ଦ୍ରାପଡ଼ା ସିଏସ୍‌ଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

# ନହୁଣୀ ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

**ଓଲାଭର, ୧୦।୧(ସମିସ):** ନହୁଣୀ ସମବାୟ ସମିତିରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ନହୁଣୀ ସମିତିର ସଭାପତି ନିମାଇଁ ଦାସ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ସମବାୟ ସମିତି ସମ୍ପାଦକ ଅଶୋକ ବାରିକ, ସହସମ୍ପାଦକ ନିରଞ୍ଜନ ବେହୁରା, ଡିଓ ପ୍ରକାଶ ନାୟକ, ପେଗରପଡ଼ା ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲିକ, ଗଦାଧର ବିଶ୍ୱାଳ, ପ୍ରକାଶ ବାରିକ, ଦେବାଶିଷ ଦାସ, ଦେବାଶିଷ ପଟ୍ଟନାୟକ, ରବୀନ୍ଦ୍ର ମଥାନ, ଆଲୋକ ବିଶ୍ୱାଳ, ଜିତେନ୍ଦ୍ର ଜେନା, ଦାମୋଦର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମାଣ୍ଡିଆ ଦେବ ରୋଜଗାର**

# ସୁସ୍ଥ, ନୀରୋଗ ଜୀବନ ପାଇଁ ମାଣ୍ଡିଆ ବ୍ୟବହାର ଆହ୍ୱାନ

**କେନ୍ଦ୍ରାପଡ଼ା, ୧୦।୧(ସମିସ)**

ମାଣ୍ଡିଆରୁ କିଭଳି ଚାଷୀମାନେ ଅଧିକରୁ ଅଧିକ ରୋଜଗାର କରିବେ, ସେ ନେଇ ମାଣ୍ଡିଆ ଅମଳ ମହୋତ୍ସବ ଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଓଡ଼ିଶା ମିଲେଟ୍ ମିଶନ ଓ ଶାନ୍ତି ମୈତ୍ରୀ ସଂସ୍ଥା ଆନୁକୂଲ୍ୟରେ ମାଣ୍ଡିଆ ଅମଳ ଉତ୍ସବ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ୟାମସୁନ୍ଦରପୁର ପଞ୍ଚାୟତର ନାନକାରର ଶିବ ମନ୍ଦିର ନିକଟରେ ଅମଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପକୂଳ ଅଞ୍ଚଳରେ ମାଣ୍ଡିଆର ଚାହିଦା ବଢ଼ାଇବା ସହ ଏହାକୁ କେବଳ ଯାଉରେ ସୀମିତ ନ ରଖି ବିଭିନ୍ନ ଖାଦ୍ୟ ପଦାର୍ଥରେ ଯୋଡ଼ିବାକୁ ସଚେତନ କରାଯାଇଛି। ମାଣ୍ଡିଆରେ ତିଆରି ବିଭିନ୍ନ ଖାଦ୍ୟ ପଦାର୍ଥର ଚାହିଦା ବଢ଼ିଲେ ଉତ୍ପାଦନ ବଢ଼ିବ ବୋଲି କୁହାଯାଇଛି। କେନ୍ଦ୍ରାପଡ଼ାରେ ଏହାର ଚାହିଦା ବଢୁଥିବାବେଳେ ସାଦ ଖିଆଠାରୁ ଆରମ୍ଭ କରି ବିବାହ ଭୋଜି ପର୍ଯ୍ୟନ୍ତ ହାତ ତିଆରି ମାଣ୍ଡିଆରେ ସାମଗ୍ରୀର ଅର୍ଡର ମିଳିବା ଆରମ୍ଭ ହୋଇଛି।

ଆହୁରି ମଧ ମାଣ୍ଡିଆରୁ ବଡି, ପାମ୍ପଡ଼, ଆରିସା, କାକରା, ଦହିବରା ଓ ରସାବଳୀ ମଧ୍ୟ ପ୍ରସ୍ତୁତ ହେଉଛି। ତେବେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପାଇଁ ପର୍ଯ୍ୟାପ୍ତ ପରିମାଣର ମାଣ୍ଡିଆ ସ୍ଥାନୀୟ ବଜାରରେ ଉପଲବ୍ଧ ହେଉ ନ ଥିବାରୁ ମହିଳାଙ୍କୁ



ନିଶ୍ଚିନ୍ତକୋଇଲି ଓ ବାଲିଚନ୍ଦ୍ରପୁର ଭଳି ବଜାର ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ଚଳିତବର୍ଷ ମାଣ୍ଡିଆକୁ ନେଇ ପରୀକ୍ଷାମୂଳକ ଭାବେ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକରେ ଚାଷ କରାଯାଇଥିଲା। ଏହି ଦୁଇଟି ବ୍ଲକରେ ଏକର ପ୍ରତି ୧୦ କ୍ୱିଣ୍ଟାଲ ଲେଖାଏଁ ଅମଳ ହୋଇଛି। ଏବେ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ଚାଷୀମାନଙ୍କୁ ଅଧିକ ଉତ୍ସାହିତ କରିବା ଲାଗି ଏବେ ମାଣ୍ଡିଆ ଅମଳ ଉତ୍ସବ କାର୍ଯ୍ୟକ୍ରମ ମାଧ୍ୟମରେ ଏହାଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଦ୍ରବ୍ୟ ମାଗଣାରେ ପ୍ରଦାନ କରାଯାଉଛି।

ଶାନ୍ତିମୈତ୍ରୀର ସମ୍ପାଦକ ଭଗବାନ ଜେନାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିଡିଏଓ ମନୋଜ କୁମାର ଚାନ୍ଦ, ଆତ୍ମା ଡିପିଓ ମନୋରଞ୍ଜନ ରାଉଳ, ଜିଲ୍ଲା କୃଷି ଅଧିକାରୀ, ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟା ନିର୍ମଳା ମହାନ୍ତି, ସରପଞ୍ଚ ଅକ୍ରୁର ସେଠୀ, ୱାସନ୍ ଡିସି ସ୍ୱସ୍ତିକ ସୁନ୍ଦର ଜେନା, ଆତ୍ମା ଅଧ୍ୟକ୍ଷ ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମାଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହେବା ସହ ମାଣ୍ଡିଆ ପ୍ରସ୍ତୁତ ଦ୍ରବ୍ୟରେ ବ୍ୟବହାର କଲେ ଲୋକେ ନିରୋଗ ରହିପାରିବେ ବୋଲି ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟକୁ ଷ୍ଟଲ ମାଧ୍ୟମରେ ଲୋକଙ୍କୁ ମାଗଣାରେ ବଣ୍ଟନ କରାଯାଇଥିଲା। ଏ ନେଇ ଜିଲ୍ଲାର କୋଣ ଅନୁକୋଣରେ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ସଚେତନ କରାଇବା ପାଇଁ ଏକ ରଥ ବୁଲିବା ଆରମ୍ଭ କରିଛି। ପୋଷକ ତତ୍ତ୍ୱରେ ଭରପୁର ରହିଛି ମାଣ୍ଡିଆ। ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ମଧ ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। ପୋଷକତତ୍ତ୍ୱରେ ଭରା ମାଣ୍ଡିଆର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଆନ୍ତର୍ଜାତିକ ପୁଷ୍ଟିଶସ୍ୟ ସମ୍ମିଳନୀ ଆୟୋଜନ କରି ପୂରା ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି ବୋଲି ଶାନ୍ତି ମୈତ୍ରୀ ସମ୍ପାଦକ ଭଗବାନ ଜେନା କହିଛନ୍ତି।

ସୂଚନା ମୁତାବକ, ୨୦୧୭ରେ ଓଡ଼ିଶାରେ ମିଲେଟ ମିଶନ ଆରମ୍ଭ କରାଯାଇଥିଲା। ସେହିପରି ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ରାଜ୍ୟ ସରକାର ପାଳନ କରୁଛନ୍ତି। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ମାଣ୍ଡିଆ ଦିବସ ପାଳନ କରୁଛି। ପ୍ରଥମେ ୭ଟି ଜିଲ୍ଲାରୁ ଆରମ୍ଭ ହୋଇଥିବା ମିଲେଟ ମିଶନ ଏବେ ୩୦ ଜିଲ୍ଲାର ୩୦୦ରୁ ଅଧିକ ବ୍ଲକରେ କାର୍ଯ୍ୟକାରୀ ହେଉଛି।

# ଗଡ଼ିଲା ଇଭିଏମ୍ ଭିଭିପାଟ୍ ଭ୍ରାମ୍ୟମାଣ ସଚେତନତା ରଥ

**କେନ୍ଦ୍ରାପଡ଼ା, ୧୦।୧(ସମିସ):** ଆଜିଠୁ କେନ୍ଦ୍ରାପଡ଼ାରେ ଇଭିଏମ୍ ଭିଭିପାଟ୍ ଭ୍ରାମ୍ୟମାଣ ସଚେତନତା ରଥ ଗଡ଼ିଛି। ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଓ ଡେପୁଟି କଲେକ୍ଟର(ନିର୍ବାଚନ) ଶିବାଶିଷ ପରିଡ଼ା। ୨୦୨୪ ସାଧାରଣ ନର୍ବାଚନର ଅବ୍ୟବହିତ ପୂର୍ବରୁ କେନ୍ଦ୍ରାପଡ଼ାବାସୀଙ୍କୁ ଏହି ରଥ ଇଭିଏମ୍ ଓ ଭିଭିପାଟ୍‌ର ସହଜ ବ୍ୟବହାର ସମ୍ପର୍କରେ ସଚେତନ କରାଇବ। ଏଥିସହ ଇଭିଏମ୍ ଓ ଭିଭିପାଟ୍‌ର ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସୁପରିଚିତି ବା ଫାମିଲିଆର୍ କରାଇବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଦର୍ଶନ କେନ୍ଦ୍ରର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ୯ଟି ବ୍ଲକ ଓ ୨ଟି




ପୌରାଞ୍ଚଳରେ ୧୧ଟି ଭ୍ରାମ୍ୟମାଣ ସଚେତନତା ରଥ ମଧ ଆଜିଠୁ ଭ୍ରମଣ ଆରମ୍ଭ କରିଛି। ଏହି ସଚେତନତା ଅଭିଯାନ ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଡେପୁଟି କଲେକ୍ଟର ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ଦିଗରେ ନାଗରିକଙ୍କ ଗୁରୁଦାୟିତ୍ୱ ରହିଛି। ତେଣୁ ସେମାନଙ୍କ ମନରେ ଉପଜୁଥିବା ଦ୍ୱନ୍ଦ୍ୱ/ ସମସ୍ୟାର ପରିସମାପ୍ତି ପାଇଁ ଇଭିଏମ୍ ଓ ଭିଭିପାଟ୍‌ର ସଫଳ ବ୍ୟବହାର କୌଶଳ ବିଷୟରେ ଜାଣିବା ମଧ ସେମାନଙ୍କ ଅଧିକାର। ତେଣୁ ଭାରତୀୟ ନିର୍ବାଚନ କମିସନ୍ ନିର୍ଦ୍ଦେଶକ୍ରମେ ଏହି ଭ୍ରାମ୍ୟମାଣ ସଚେତନତା ରଥ ଜିଲ୍ଲାର ସମସ୍ତ ପୋଲିଂ ଷ୍ଟେସନ୍ ବୁଲି ଇଭିଏମ୍ ଓ ଭିଭିପିଏଟିର ସହଜ ବ୍ୟବହାର ସମ୍ପର୍କରେ ବାର୍ତ୍ତା ବାଣ୍ଟିବା ସହ ଲୋକଙ୍କୁ ଏହା ପ୍ରତି ଫାମିଲିଆର୍ ବା ସୁପରିଚିତି କରାଇବ।

# ବିଭିନ୍ନ ସ୍ଥାନରେ ‘ଅର୍ପଣ ରଥ’ର ପରିକ୍ରମା

**ମହୁ, ୧୦।୧(ସମିସ):** ଆସନ୍ତା ଜାନୁଆରୀ ୧୭ ତାରିଖରେ ଲୋକାର୍ପଣ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ସେଥିପାଇଁ ଉତ୍ସବ ମୁଖର ଗାଁଠୁ ସହର। ଗାଁ, ଗାଁ ବୁଲୁଛି ଜଗନ୍ନାଥ ଅର୍ପଣ ରଥ। ଏହି କ୍ରମରେ ଆଜି ଆଳି ବ୍ଲକ କୋଳିଡିହ ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ହୋଇଛି। ସ୍ଥାନୀୟ ମଙ୍ଗଳା ମନ୍ଦିରଠାରୁ ବାହାରି ଜାମୁଦଣ୍ଡ, ଇଚ୍ଛାପୁର, ତଲାଡିହା, ବିଜୟନଗର ଗ୍ରାମ ପରିକ୍ରମା କରିଛି ଅର୍ପଣ ରଥ। ଚିତା ପକାଇ ଅର୍ପଣ ରଥକୁ ଗ୍ରାମର ମହିଳା ଅତ୍ୟନ୍ତ ଆଗ୍ରହ ସହ ବନ୍ଦାପନା କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ ସମର୍ପଣ କରିଛନ୍ତି। ଯାହାକୁ ନେଇ ଗାଁରେ ଭକ୍ତିମୟ ପରିବେଶ। ଏହି କାର୍ଯ୍ୟକ୍ରମରେ କୋଳିଡିହ ପଞ୍ଚାୟତ ସରପଞ୍ଚ ହେମନ୍ତ ଧଳ, ସମିତିସଭ୍ୟ ସୁବାସ ଚନ୍ଦ୍ର ପରିଡ଼ା



ପ୍ରମୁଖଙ୍କ ସହ ଶତାଧିକ ପଞ୍ଚାୟତବାସୀ, ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ସରପଞ୍ଚ ମୋହନ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ସାଦନନ୍ଦପୁରଠାରୁ ଆରମ୍ଭ କରି ବଜାର, ରାଇତୁଣ୍ଡି ଗ୍ରାମ ପରିକ୍ରମା କରିଥିଲା। ଅର୍ପଣ ରଥକୁ ଶଙ୍ଖ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗ୍ରାମ ପରିକ୍ରମା କରାଯାଇଥିବାବେଳେ ଜନସାଧାରଣରେ ଭକ୍ତିଭାବ ସୃଷ୍ଟି ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ତିଳୋତ୍ତମା ରାଉତ, ଜିଆରଏସ୍ ନମିତା ପଣ୍ଡା ଓ ସୁଦୀପ୍ତ କୁମାର ସାମଲ ଯୋଗ ଦେଇଥିଲେ। ମିଶନଶକ୍ତି ସଭାନେତ୍ରୀ ନମିତା ସାହୁ, ଚିନ୍ମୟ ସାହୁ, ସୁବାସ ଘଡ଼ାଇ, ନାରାୟଣ ନାଥଶର୍ମା, ଅନୀତା ଜେନାଙ୍କ ସମେତ ମିଶନ ଶକ୍ତି ସଦସ୍ୟାମାନେ ସହଯୋଗ କରିଥଲେ।




# ଅମରେନ୍ଦ୍ରଙ୍କ ନେତୃତ୍ୱରେ ବିଜେଡିର କର୍ମୀ ସମ୍ମିଳନୀ

ଜଗତସିଂହପୁର, ୧୦।୧(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ଚର୍ଚ୍ଚିକାବଜାର ଠାରେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ତଥା ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ଅମରେନ୍ଦ୍ର ଦାସଙ୍କ ନେତୃତ୍ୱ ରେ ଏକ ବିଶାଳ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜଗତସିଂହପୁର ସହରରେ ଆୟୋଜିତ

## ବହୁ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ

ବିଶାଳ ରାଲିରେ ହଜାର ହଜାର ଲୋକ ଯୋଗଦେଇ ଅମରେନ୍ଦ୍ରଙ୍କ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରିଛନ୍ତି। ପୂର୍ବାହ୍ନରେ ବିଶାଳ କର୍ମୀ ସମ୍ମିଳନୀ ଗାନ୍ଧିଛକ ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ପ୍ରାୟ ସାତ ହଜାରରୁ ଅଧିକ କର୍ମୀ ଅମରେନ୍ଦ୍ର ଦାସ ସହିତ ଏହି ପଦଯାତ୍ରା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସାନବଜାର ଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ଦାସ ମାଲ୍ୟାର୍ପଣ କରିବା ପରେ ଏହି ରାଲି ସଭାସ୍ଥଳରେ ପହଂଚିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

ଏହି ବିଶାଳ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅମରେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ। ନବୀନଙ୍କ ନବୀଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ।



କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି ସଭାପତିତ୍ୱ କରି ଅମରେନ୍ଦ୍ରଙ୍କ ପ୍ରତି ଜଗତସିଂହପୁରବାସୀଙ୍କ ପୂର୍ଣ୍ଣ ସମର୍ଥନ ଥିବା କହିଥିଲେ। ସାମ୍ମାନୀତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗତସିଂହପୁର ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିଜୁ ଜନତା ଦଳ ବରିଷ୍ଠ କର୍ମୀ ସୁରେଶ ନନ୍ଦ, ମାଇନର କମ୍ୟୁନିଟ ନେତା ସେକ ରକିବଉଦ୍ଦିନ, ରମେଶ ସ୍ୱାଇଁ, ସରସ୍ୱତୀ ଭୋଇ, ପଳାଶୋଳ ପୂର୍ବତନ ସରପଞ୍ଚ ସୁଲଚନା ଦାସ, ସୁଶାନ୍ତ ରଞ୍ଜନ ସ୍ୱାଇଁ, ବିଜୁ ଜନତା ଦଳ ବରିଷ୍ଠ କର୍ମୀ ସାରଙ୍ଗ ପାଇଟାଳ, ବିଦୁର ନାୟକ,ରବୀନ୍ଦ୍ର ଲେଙ୍କା,ଯୁଧିଷ୍ଠିର ସ୍ୱାଇଁ, ନାଉଁଗାଁ ପଞ୍ଚାୟତ ପୂର୍ବତନ ବିଜୁ ଜନତାଦଳ ସଭାପତି ବିପିନ ବିହାରୀ ବେହେରା,ଜାମୁଗାଁ ପଞ୍ଚାୟତ ପୂର୍ବତନ ବିଜୁ ଜନତା ଦଳ ସଭାପତି ବିଷ୍ଣୁ ଚରଣ ଦାସ , ବାବୁ ଜେନା, ବିଦୁଭୂଷଣ ତ୍ରିପାଠୀ, ଆଳିପିଙ୍ଗଳ ଯୁବ ସଂଗଠକ ସଞ୍ଜୟ ପଲାଇ, ଅଳସୁଧା ଯୁବ ସଂଗଠକ ଦେବୀ ପ୍ରସାଦ ସାହାଣୀ,ପୂର୍ବତନ ସରପଞ୍ଚ ଅଲଣା ସୁଶାନ୍ତ ମଲ୍ଲିକ, ଜଗତସିଂହପୁର ବ୍ଲକ ପୂର୍ବତନ ଆବା ଅଧ୍ୟକ୍ଷ ବରୋଦା ପ୍ରସାଦ ରାୟ ପ୍ରମୁଖ ଯୋଗଦେଇ ଅମରେନ୍ଦ୍ରଙ୍କୁ ବିଧାୟକ ଭାବରେ ଦେଖିବାକୁ ଚାହୁଁ ବୋଲି କହିଥିଲେ।

କଂଗ୍ରେସ ଦଳ ପରିତ୍ୟାଗ କରି ତରଡ଼ାପଡା ପଞ୍ଚାୟତ ପୂର୍ବତନ କଂଗ୍ରେସ ସରପଞ୍ଚ ବିନ୍ଦିଆ ମହାନ୍ତି ବିଜୁ ଜନତା ଦଳରେ ଯୋଗଦେଇ ଥିଲେ। ସେହିପରି ନାଉଁଗା ବ୍ଲକ ଅଲଣା ପଞ୍ଚାୟତର ପୂର୍ବତନ କଂଗ୍ରେସ ସରପଞ୍ଚ ବିଶାଖା ଦାସ, ଓଷକଣା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜୟନ୍ତୀ ଭୋଇ,ଗଳଧାରି ପଞ୍ଚାୟତ ର ରଶ୍ମୀକାନ୍ତ ନାୟକ, ମୋହନ ନାୟକ, ବେଣୁଧର ନାୟକ, ଦିଲ୍ଲୀପ ମଲ୍ଲିକ, କୃଷ୍ଣ ଭୋଳ, ଉଲ୍ଲାସ ବାରିକ, ଅରକ୍ଷିତ ମୁଦୁଲି, ଶ୍ରୀରାମ ନାୟକ, ରିଙ୍କୁ ନାୟକ, ବାପିନା ନାୟକ ଙ୍କ ସମେତ ବହୁ ସଂଖ୍ୟାରେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ।

# ଜଗନ୍ନାଥପୁର ଓ ପୁରୁଣାବସନ୍ତରେ ଧାନମଣ୍ଡି ଉଦ୍‌ଘାଟିତ



ରଘୁନାଥପୁର,୧୦।୧(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ ସମବାୟ ସମିତି ତରଫରୁ ଚଳିତ ବର୍ଷ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉପସଭାପତି ବିଭୁରଞ୍ଜନ ସ୍ୱାଇଁ, ସରପଞ୍ଚ କାଳନ୍ଦି ମହାନ୍ତି, ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ସ୍ୱାଇଁ, ବୋର୍ଡ ମେମ୍ବର ଭଗବାନ ଖୁଣ୍ଟିଆ, ବୁଦ୍ଧେଶ୍ୱର ସାହୁ, ଚୌଧୁରୀ ବିମଳାକାନ୍ତ ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ, ସନ୍ତୋଷ ଶତପଥି, ସଞ୍ଜୟ ରାଉତ, ସରୋଜ କୁମାର ସାହୁ, ପ୍ରଭୁଦତ୍ତ ମହାନ୍ତି, ବନମାଳି ମହାରଣା, ସଞ୍ଜିତ୍ ସ୍ୱାଇଁ, କୈଳାଶ ଖୁଣ୍ଟିଆ, .ଷୀ ଚୈତନ୍ୟ ଚରଣ ଦାସ, ରବିନ୍ଦ୍ର ସାହୁ, ଅଭୟ ପାଢ଼ୀ, ପିତାମ୍ବର ପାତ୍ର, ରଘୁନାଥ ମହାନ୍ତି, ବିଜୟ କୁମାର ସାହୁ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥପୁର ସମବାୟ ସମିତି ତରଫରୁ ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ଧାନମଣ୍ଡି ଆଜି ଉଦ୍‌ଘାଟିତ ହୋଇଛି। ଏହି ମଣ୍ଡିକୁ ଜଗନ୍ନାଥପୁର ସମବାୟ ସମିତିର ସଭାପତି ଅଜୟ କୁମାର ଦାଶ ଓ ଅଗ୍ରଣୀ ଚାଷୀ ମଦନ ମୋହନ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

# ଗୋଟିଏ ରାତିରେ ଦୁଇଟି ସ୍ଥାନରୁ ଚୋରି

ରଘୁନାଥପୁର,୧୦।୧(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ସାଦେଇପୁର ପଞ୍ଚାୟତର ଗତ ରାତିରେ ଦୁଇଟି ସ୍ଥାନରୁ ଚୋରି ହୋଇଥିବା ଘଟଣା ରଘୁନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସ୍ୱର୍ଗ ବରହମପୁର(କୁମ୍ଭାର ତୋଟା) ଠାରେ ଅୟର ଗ୍ରାମର ରଂଜନ କୁମାର ସ୍ୱାଇଁ ଦୁଗ୍ଧ ସଂଗ୍ରହ କେନ୍ଦ୍ର କବାଟ ତାଡି ଗତକାଲି ରାତିରେ ଏହି କେନ୍ଦ୍ର ଗୃହରୁ ଦୁଇଟି ଦୁଗଧ କେନ, କ୍ଷୀରମାପ ମେସିନ ଦୁଇଟି, ଓଜନ ମେସିନ ଗୋଟିଏ, ନଗଦ ଏକ ହଜାର ଟଙ୍କା କୌଣସି ଦୁର୍ବୃତ୍ତ ନେଇଯାଇଛନ୍ତି। ସେହିପରି ସାଦେଇପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ତାଲାଭାଙ୍ଗି ଏହି କେନ୍ଦ୍ରରେ ଥିବା ଏକ କମ୍ପ୍ୟୁଟର ପ୍ରିଣ୍ଟର, ଏକ ଡିଜିଟାଲ ଘଣ୍ଟା, ଏକ ଟେବୁଲ ଫ୍ୟାନ ଓ ଏକ ଲୁହା ଚେୟାରକୁ ଗତକାଲି ରାତିରେ କେହି ଚୋରି କରି ନେଇଯାଇଥିବା ନେଇ କେନ୍ଦ୍ରର ସିଏଚଓ କ୍ଷଣପ୍ରଭା ଷଡଙ୍ଗୀ ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ଗ୍ରହଣ କରି ଥାନା ଆଇ.ଆଇ.ସି. ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସନ୍ଧାନୀ କୁକୁର ଆଣି ଘଟଣାର ତଦନ୍ତ ଚଳାଇଛନ୍ତି।

# ଉପକାରାଗାର ପରିସରରୁ ନାଗ ସାପ ଉଦ୍ଧାର

କୁଜଙ୍ଗ,୧୦।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମାଗୋଳ ସ୍ଥିତ କୁଜଙ୍ଗ ଉପକାରାଗାର ସମ୍ମୁଖରେ ଥିବା ହନୁମାନ ମନ୍ଦିର ନକଟରୁ ଏକ ୫ଫୁଟ୍ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ସାପଟି ଉପକାରାଗାର ସାମ୍ନାରେ ବୁଲୁଥିବା ଦେଖି ଉପକାରାଗାର ଅଧିକ୍ଷକ ହେମନ୍ତ କୁମାର ସେଠୀ ତୁରନ୍ତ ସ୍ନେକ୍ ହେଲପ୍ ଲାଇନ୍ କୁଜଙ୍ଗଙ୍କୁ ଯୋଗାଯୋଗ କରିଥିଲେ। ସ୍ନେକ ହେଲପ୍ ଲାଇନର ପ୍ରମୁଖ ପ୍ରଭାତ କୁମାର ବେହେରା ଓ ସହଯୋଗୀ କୈଳାସ ଗୋଛାୟତ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ନୂଆଗାଁ ତଣ୍ଡା ଜଙ୍ଗଲରେ ଛାଡିଦେଇଥିଲେ।

# ୪ ପଞ୍ଚାୟତରେ ପରିକ୍ରମା କଲା ଅର୍ପଣ ରଥ




ରଘୁନାଥପୁର,୧୦।୧(ସମିସ): ତୃତୀୟ ଦିବସରେ ଅର୍ପଣ ରଥ ତଅଁରା ପଞ୍ଚାୟତ ପରିକ୍ରମା କରିଥିଲା। ସରପଞ୍ଚ ବଟକୃଷ୍ଣ ନାୟକ, ଶାନ୍ତିଲତା ଦ୍ୱିବେଦି, ଉପସ୍ଥିତ ଶହ ଶହ ମା ମାନେ, ଗ୍ରାମର ମୁରବୀମାନେ, ଯୁବକ, ଛାତ୍ରଛାତ୍ରୀମାନେ ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିଦେଇ ସ୍ୱାଗତ କରିଥିଲେ। ସେହିପରି ଧରାଧରପୁର ପଞ୍ଚାୟତରେ ସରପଞ୍ଚ ନଳିନୀପ୍ରଭା ମୁଦୁଲି, ସାଦେଇପୁର ପଞ୍ଚାୟତରେ ସରପଞ୍ଚ ପ୍ରଭାସୀନି ପ୍ରଧାନ ଓ ଜଇଶୋଳ ପଞ୍ଚାୟତର ସରପଞ୍ଚ ମମତା ମଲ୍ଲିକଙ୍କ ନେତୃତ୍ୱରେ ଜଗନ୍ନାଥ ଅର୍ପଣ ରଥ ପଞ୍ଚାୟତ ଗୁଡିକର ସମସ୍ତ ୱାର୍ଡ ପରିକ୍ରମା କରିଥିଲା। ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ମା'ମାନେ ପ୍ରଦାନ କରିଥିଲେ।

# ପାରାଦୀପ ଇସ୍ପାତ୍ ପ୍ରକଳ୍ପ ପାଇଁ ଆର୍ସେଲର ମିତ୍ତଲର ଜନଶୁଣାଣି

ପାରାଦୀପ,୧୦।୧(ସମିସ): ପାରାଦୀପସ୍ଥିତ ନୂଆଗଡ ଗ୍ରାମରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍ଏସ୍ ଇଣ୍ଡିଆ)ର ପ୍ରସ୍ତାବିତ ବାର୍ଷିକ ୭ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନା ପାଇଁ ଜନଶୁଣାଣି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ହେଇଯାଇଛି। ଜଗତସିଂହପୁର ଜିଲ୍ଲା ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଓଏସପିସିବି ପାରାଦ୍ୱୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଜନଶୁଣାଣି ସଭା






ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା ଏହି ସଭାରେ ଉପସ୍ଥିତ ଥିଲେ। ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରକଳ୍ପ ପକ୍ଷରୁ ଓଡିଶା ପ୍ରୋଜେକ୍ଟସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜୀବ ଭଟ୍ଟନାଗର, ବ୍ରାଉନ ଫିଲ୍ଡ ପ୍ରୋଜେକ୍ଟ ମୁଖ୍ୟ ଅରୁଣ କୁମାର ରଥ, ଓଡିଶା ଅପରେସନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ପି କେ ମହାନ୍ତି, ମୁଖ୍ୟ-ଜମି ଅଧିଗ୍ରହଣ ଏବଂ ଆର ଆଣ୍ଡ ଆର ଏବଂ ପରିବେଶ ବିଭାଗର ବରିଷ୍ଠ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ୨୦୩୦ ସୁଦ୍ଧା ଦେଶରେ ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନର ଲକ୍ଷ ହାସଲ କରିବାକୁ ଏବଂ ଦେଶରେ ବର୍ତ୍ତମାନର ମୁଣ୍ଡପିଛା ଇସ୍ପାତ ବ୍ୟବହାର ସ୍ତର ୬୪.୨ କିଲୋଗ୍ରାମ ଥିବାବେଳେ ୨୦୩୦ ସୁଦ୍ଧା ମୁଣ୍ଡପିଛା ଇସ୍ପାତ ବ୍ୟବହାର ୧୬୦ କିଲୋଗ୍ରାମକୁ ବୃଦ୍ଧି କରିବାକୁ ଲକ୍ଷ ରଖାଯାଇଛି। ଏହି ଲକ୍ଷ ପୂରଣ କରିବା ଉଦ୍ଦେଶ୍ୟରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ ପାରାଦ୍ୱୀପଠାରେ ବାର୍ଷିକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ତରଳ ଇସ୍ପାତ ଉତ୍ପାଦନ ପାଇଁ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯୋଜନା କରିଛି। ଏହି ପ୍ରକଳ୍ପ ଥରେ ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଗଲେ ଓଡ଼ିଶାର ଏକ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବା ଦିଗରେ ଏହା ଏଏମ୍/ ଏନ୍ଏସ୍ ଇଣ୍ଡିଆ ଦ୍ୱାରା ଆଉ ଏକ ପଦକ୍ଷେପ ହେବ।

ପ୍ରସ୍ତାବିତ ସମନ୍ୱିତ ଇସ୍ପାତ କାରଖାନା ନୂଆଗଡ ଗ୍ରାମରେ ପ୍ରତିଷ୍ଠା ହେବ। ଆନୁମାନିକ ପ୍ରକଳ୍ପ ମୂଲ୍ୟ ପ୍ରାୟ ୩୮,୦୦୦ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ଏହି ସମନ୍ୱିତ ଇସ୍ପାତ କାରଖାନାର ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୨୧,୦୦୦ ଲୋକ ଏବଂ ଅପରେସନ୍ ପର୍ଯ୍ୟାୟରେ ପ୍ରାୟ ୭୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିବ। ଦକ୍ଷତା ଉପରେ ଆଧାର କରି ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ସ୍ଥାନୀୟ ସମାଜର ସାମୂହିକ ବିକାଶ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

ଏଏମ୍/ଏନ୍ଏସ୍ ଇଣ୍ଡିଆ, ଓଡିଶା ପ୍ରୋଜେକ୍ଟର ପରିବେଶ ବିଭାଗର ବରିଷ୍ଠ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଦାଶ, ପ୍ରକଳ୍ପ ଦ୍ୱାରା ପରିବେଶ ଉପରେ ହେବାକୁ ଥିବା ସମ୍ଭାବିତ ପ୍ରଭାବକୁ ନ୍ୟୁନତମ ସ୍ତରକୁ ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ। ପ୍ରକଳ୍ପ ବିବରଣୀ ସହିତ, ସଭାରେ ଉପସ୍ଥିତ ଥିବା ଲୋକମାନେ ପରିବେଶ ପ୍ରଦୂଷଣ, ସମାଜ ଏବଂ ପରିପାଶ୍ୱର୍?କ ବିକାଶ, ରୋଜଗାର ସୁବିଧା ସମ୍ବନ୍ଧୀୟ ବିଭିନ୍ନ ଦିଗ ବିଷୟରେ ପଚାରି ବୁଝିଥିଲେ, ଯାହାକୁ ପରେ ଏଏମ୍/ଏନଏସ୍ ଇଣ୍ଡିଆ ପ୍ରତିନିଧିମାନେ ଉତ୍ତର ଦେଇଥିଲେ। ଏହି ବୈଠକରେ ସ୍ଥାନୀୟ ସମାଜର ସଦସ୍ୟ, ଏନଜିଓ, ଗଣମାଧ୍ୟମର ପ୍ରତିନିଧୀଙ୍କ ସମେତ ପ୍ରାୟ ୧୦୦୦ ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ଅଞ୍ଚଳର ମୋଟ ୬୭ ଜଣ ବ୍ୟକ୍ତି ଏହି ଅବସରରେ କହିଥିଲେ ଯେଉଁଥିରେ ୬୫ ଜଣ ବ୍ୟକ୍ତି ପ୍ରସ୍ତାବିତ ପ୍ରକଳ୍ପ ସପକ୍ଷରେ କହିଥିଲେ ଏବଂ ସେମାନଙ୍କର ସମର୍ଥନ ଜଣାଇଥିଲେ।

# ଚାଷୀନେତା ପ୍ରଭାକରଙ୍କ ପରଲୋକ

କୁଜଙ୍ଗ,୧୦।୧(ସମିସ): କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ଗ୍ରାମର ପ୍ରମୁଖ ଚାଷୀ ନେତା ପ୍ରଭାକର ସ୍ୱାଇଁ(୮୧) ଙ୍କର ଶନିବାର ରାତ୍ରୀ ୧୧ଟା ୩୫ରେ ପରଲୋକ ହୋଇଯାଇଛି। ସେ ୫୨ଘର କନ୍ଧା ଚାଷ ସହ ଗ୍ରାମର ବହୁବିଧ ଉନ୍ନତିରେ ବ୍ରତି ରହିଥିବାବେଳେ ଗତ କିଛିଦିନ ହେବ ମସ୍ତିଷ୍କ ଆଘାତ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଅଗସ୍ତି ମହାପୁରୁଷ ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ତଥା ବଡ ପୁଅ ରତ୍ନାକର ସ୍ୱାଇଁ, ଅନ୍ୟ ଦୁଇ ପୁଅ ଅକ୍ଷୟ ସ୍ୱାଇଁ, ଅମରେନ୍ଦ୍ର ସ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାସନରେ ଶେଷକୃତ କରାଯାଇଥିବା ବେଳେ ଜ୍ୟେଷ୍ଠପୁଅ ରତ୍ନାକର ମୁଖାଗ୍ନୀ ଦେଇଥିଲେ।

# ଅଣସଂକ୍ରାମକ ରୋଗର ସମୀକ୍ଷା



ରଘୁନାଥପୁର,୧୦।୧(ସମିସ): ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଅପରାହ୍ନରେ ଅଣ ସଂକ୍ରମକ ରୋଗର ସମୀକ୍ଷା କରା ଯାଇଥିଲା। ରାଜ୍ୟ ଅଣ ସଂକ୍ରାମକ ରୋଗର ବିଶେଷଜ୍ଞ ଡଃ ଗିରିଜା ଶଙ୍କର ଦାସ, ରାଜ୍ୟ ଅଣ ସଂକ୍ରମକ ରୋଗର ଡଃ ଜୋସ୍ନା ପଟ୍ଟନାୟକ, ବରିଷ୍ଠ ହିସାବ ରକ୍ଷକ ସ୍ମୃତି ରଂଜନ ନାୟକ, ସୁଶିଲ କୁମାର ଦାସ, ମହାମାରୀ ବିଶେଷଜ୍ଞ ଡା ସ୍ମୃତି ରଂଜନ ପଣ୍ଡା, ସହକାରୀ ମ୍ୟାନେଜର ଅନିତା ଦାଶ, ଡାଟା ମ୍ୟାନେଜର ପ୍ରଭାସ କୁମାର ବେହେରା ପ୍ରମୁଖ ପହଞ୍ଚି ଅଣ ସଂକ୍ରାମକ ରୋଗର ସମୀକ୍ଷା କରିଥିଲେ। ପୁରୁଷ ସ୍ୱାସ୍ଥ୍ୟକର୍ମୀ କ୍ଷୀରୋଦ କୁମାର ସାହୁଙ୍କ ନିଷ୍ଠାପର କାର୍ଯ୍ୟ କରିବା ସମସ୍ତ ରେଜିଷ୍ଟରକୁ ନିର୍ଭୁଲ ଭାବରେ କାର୍ଯ୍ୟ କରୁଥିବାରୁ ବିଭାଗୀୟ ଅଧିକାରୀମାନେ ପ୍ରଶଂସା କରିଥିଲେ। ଏହି ସମୀକ୍ଷା ବୈଠକରେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡଃ ସୁକାନ୍ତ କୁମାର ଦଳାଇ, ବି.ପି.ଏମ୍. ରଞ୍ଜିତା ସିଂହ ଉପସ୍ଥିତ ରହି ଏହି କେନ୍ଦ୍ରର ଅଭାବ ଅସୁବିଧା ସମ୍ପର୍କରେ ତାଙ୍କ ଦୃଷ୍ଟିକୁ ଆଣିଥିଲେ।

# ବିରିତୋଳ ଓ କୋଳରେ ଧାନମଣ୍ଡି ଉଦ୍‌ଘାଟିତ

ତିର୍ତ୍ତୋଲ,୧୦।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଳ କୃଷି ସମବାୟ ସମିତି ତରଫରୁ ସଅଁରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସମିତିର ସଭାପତି ଅଶ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ତିର୍ତ୍ତୋଲ ସିସିବି ଶାଖା ପରିଚାଳକ ଫକିର ଚରଣ ସ୍ୱାଇଁ, ଜିଲାପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ରିତା ସିଂ, ଆରଏମସି ଅଧିକାରୀ ସୂର୍ଯ୍ୟକାନ୍ତ ଦାସ, ରିତ ସାହୁ, ସମିତିର ଉପସଭାପତି ମମତା ଦାଶ, ପରିଚାଳନା ବୋର୍ଡ ସଦସ୍ୟ ବିଜୟ ମହାନ୍ତି, ଗୋପାଳପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସମବାୟ ନୀରିକ୍ଷକ ବିବେକାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଜୟୀରାମ ମଲ୍ଲିକ, ଅକ୍ଷୟ ମହାନ୍ତି, ଶଶୀଭୂଷଣ ଷଡଙ୍ଗୀଙ୍କ ସମେତ ସମିତି ଅଧିନ ବିଭିନ୍ନ ପଞ୍ଚାୟତର ଚାଷୀ, ଧାନକ୍ରୟ କମିଟିର ସଦସ୍ୟ, ସମତି ପରିଚାଳନା ବୋର୍ଡର ସଦସ୍ୟ ମାନେ ଉପସ୍ଥିତ ଥିଲେ।

ସେହିପରି କୋଳର କୃଷି ସମବାୟ ସମିତି କାର୍ଯ୍ୟାଳୟ



ପରିସରରରେ ନୂତନ ଧାନମଣ୍ଡି ଉଦ୍‌ଘାଟନ ଉତ୍ସବରେ ସମବାୟ ପରିଚାଳନା ସମିତିର ସଭାପତି ସୁଦୀପ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ସରପଞ୍ଚ ଉମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ସମିତି ସଭ୍ୟା ରାଜ କୁମାରୀ ଦାସ, ତିର୍ତ୍ତୋଲ ସିସିବି ବ୍ୟାଙ୍କ ପରିଚାଳକ ଫକିର ଚରଣ ସ୍ୱାଇଁ, ପିଇଓ ଲକ୍ଷ୍ମୀଧର ଦାସ, ଭିଏଡବ୍ଲ୍ୟୁ କୌଷିକ ଷାଣ୍ଢ ପ୍ରମୁଖ ଯୋଗଦେଇଥିଲେ।

# ପାରାଦୀପ ବନ୍ଦର ଆନୁକୁଲ୍ୟରେ ସାଗରମାଳା ସମ୍ପର୍କିତ କର୍ମଶାଳା

ପାରାଦୀପ,୧୦।୧(ସମିସ): ବନ୍ଦର ଜାହାଜ ଓ ଜଳମାର୍ଗ ମନ୍ତ୍ରଣାଳୟର ଫ୍ଲାଗସିପ୍ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ "ସାଗରମାଳା'ର ୯ ବର୍ଷ ପାଳନ ଅବସରରେ ପାରାଦୀପ ବନ୍ଦର ଆନୁକୂଲ୍ୟରେ ଏକ ଦିନିକିଆ ଅନ୍ତର୍ନିହିତ କର୍ମଶାଳା ଭୁବନେଶ୍ୱରଠାରେ ବୁଧବାର ଦିନ ଆୟୋଜିତ ହୋଇଯାଇଛି। ବନ୍ଦର ଇକୋସିଷ୍ଟମ୍ ଶିଳ୍ପ ବିଶେଷଜ୍ଞମାନଙ୍କ ସହିତ ଦୁଇଟି ପର୍ଯ୍ୟାୟରେ ଆଲୋଚନା କରାଯାଇଥିଲା। ଯେଉଁଠାରେ ସମ୍ମାନିତ ପ୍ୟାନେଲିଷ୍ଟମାନେ ସାଗରମାଳା ଅଭିଯାନ ଅଧୀନରେ ବଲ୍କ ମେଗା ବନ୍ଦରର ବିବର୍ତ୍ତନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଚିନ୍ତିତ ବାର୍ତ୍ତାଳାପରେ ନିୟୋଜିତ ହୋଇଥିଲେ। ଉଦଘାଟନୀ ବକ୍ତବ୍ୟରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଗତ ନଅ ବର୍ଷ ମଧ୍ୟରେ ସାଗରମାଳା ଉଦ୍ୟମର ସଫଳତା ଉପରେ ଗୁରୁତ୍ୱ ଦେଇ ଭାରତୀୟ ବନ୍ଦର କ୍ଷେତ୍ରର ସମୀକ୍ଷା କରିଥିଲେ। ମୁଖ୍ୟ ଅତିଥି ଭାବେ ଇଷ୍ଟକୋଷ୍ଟ ରେଲୱେ ଜିଏମ ମନୋଜ ଶର୍ମା ଯୋଗଦେଇ ପୂର୍ବ ତଟ ରେଳବାଇରେ ଚାଲିଥିବା ରେଳ ପ୍ରକଳ୍ପ ବିଷୟରେ ବହୁମୂଲ୍ୟ ସୂଚନା ପ୍ରଦାନ କରିଥିଲେ। ପାରାଦୀପ ବନ୍ଦର ପୂର୍ବତନ ଅଧ୍ୟକ୍ଷ ରିଙ୍କେଶ ରାୟ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦରକୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ କଷ୍ଟମ୍ସ କମିଶନର ମାଧବ ଚନ୍ଦ୍ର ମିଶ୍ର ପାରାଦୀପ ପରି ଏକ ମେଗା ବନ୍ଦରର ବିବର୍ତ୍ତନରେ ସହଯୋଗ କରି ଦ୍ରୁତ ପଣ୍ୟ ପରିବହନକୁ ସୁଗମ କରିବା ପାଇଁ କଷ୍ଟମ ବିଭାଗର ପ୍ରତିବଦ୍ଧତା ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ପାରାଦୀପ ବନ୍ଦର ଟ୍ରାଫିକ ମ୍ୟାନେଜର ଜି.ଏଡିସନ ଏହି ଦିନିଆ କର୍ମଶାଳାରେ ବନ୍ଦର ଶିଳ୍ପରୁ ମାନ୍ୟଗଣ୍ୟ ତଥା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳା, ସଂସ୍କୃତିର ପୃଷ୍ଠଭୂମି ଜଗତ୍‌ସିଂହପୁର

ଜଗତସିଂହପୁର, ୧୦।୧(ସମିସ ): ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ର ମିଳିତ ଆନୁକୂଲ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ସମ୍ପର୍କରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ର ଯୁଗ୍ମ ସଚିବ, ଅତସୀ ଦାସ ଯୋଗଦେଇ ଲୋକକଳା ମାଧ୍ୟମରେ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡିକ ର ପ୍ରଚାର ଓ ପ୍ରସାର ନିମନ୍ତେ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଜଗତସିଂହପୁର ମାଟି ହେଉଛି କଳା ଓ ସଂସ୍କୃତି ର ପୃଷ୍ଠଭୂମି।ତେଣୁ ଏହି ମାଟିର କଳାକାର ମାନେ ନିଜର ନିଖୁଣ କଳା ଚାତୁରୀ ମାଧ୍ୟମରେ, ତୃଣମୂଳ ସ୍ତରରେ, ସରକାର ଙ୍କ ଯୋଜନା ଗୁଡିକୁ ସଫଳ ଭାବେ ପହଞ୍ଚାଇପାରିବେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରବନ୍ଧିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓଡିଶାର ଐତିହ୍ୟ, ପରମ୍ପରା ଏବଂ ଏହି ପରିପ୍ରେକ୍ଷୀ ରେ ଜଗତସିଂହପୁର ଜିଲ୍ଲାର ଭୂମିକା ବିଷୟରେ ଉପସ୍ଥାପନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି, ସହକାରୀ ଏଲ୍ ଡି ଏମ୍, ୟୁ କୋ ବ୍ୟାଙ୍କ, ସୁଶ୍ରୀ ଦମୟନ୍ତୀ ମୁର୍ମୁ, ଜଗତସିଂହପୁର ବ୍ଲକ୍ କଳା ସଂସ୍କୃତି ସଂଘର ଉପ ସଭାପତି



ବନମାଳୀ ପତି ପ୍ରମୁଖ ଉପସ୍ଥିତ କଳାକାର ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ଏହାପରେ ପ୍ରତିଟି ବ୍ଲକର ସଂସାଧନ ସଭ୍ୟ ଏବଂ ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ ମାନଙ୍କୁ ବିଭାଗୀୟ ଅଧିକାରୀମାନେ ସରକାରଙ୍କ ୧୫ ଗୋଟି ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହ ଲୋକକଳା ପ୍ରୟୋଗ ମାଧ୍ୟମରେ କିପରି ଏହାର କାର୍ଯ୍ୟକାରିତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ରେ ଅଂଶଗ୍ରହଣ କରିଥିବା ସଂସାଧନ ସଭ୍ୟମାନେ ମଧ୍ୟ ଏହି ପ୍ରଶିକ୍ଷଣ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ସରକାରଙ୍କ ୧୫ଟି ଯୋଜନା ଯେପରି କି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡ଼ିଶା ନବୀନ ଓଡିଶା, ୫-ଟି ହାଇ ସ୍କୁଲ ରୂପାନ୍ତରିକରଣ, ହରିଶ୍ଚନ୍ଦ୍ର ଯୋଜନା ଏବଂ ନୂତନ ଭାବେ ଯୋଡି ହୋଇଥିବା ଜନଜାତି ବହୁଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଆମ ବ୍ୟାଙ୍କ, ଲକ୍ଷ୍ମି ବସ୍ ସେବା, ଆମ ଐତିହ୍ୟ ସମ୍ପର୍କରେ ବିଷୟରେ ଆଲୋଚନା ହୋଇଥିଲା। ଆସନ୍ତା ଜାନୁଆରୀ ୨୩ତାରିଖ ଠାରୁ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ। ଏକ ଦିବସୀୟ କର୍ମଶାଳାରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। କର୍ମଶାଳା ରେ ବିଭିନ୍ନ ବ୍ଲକ୍‌ର ସଂସାଧନ ସଭ୍ୟ ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା କଳା ସଂସ୍କୃତି ସଂଘ ସଭ୍ୟ ଉପସ୍ଥିତ ଥିଲେ।

# ଓଝାପୋଖରୀ-ଅଡ଼ା ରାସ୍ତା ରାସ୍ତାରେ ଯିବାକୁ ଲୋକେ ୧୦ଥର ଭାବୁଛନ୍ତି

- ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପ୍ରୀତି
- ରାସ୍ତା କାମ ଆରମ୍ଭ ଦିନରୁ ବିପଦ
- ରାସ୍ତା ପାର୍ଶ୍ୱ ଖୋଳି ଛାଡି ଦିଆଯାଇଛି
- ପ୍ରତ୍ୟେକ ଦିନ ମଣିଷ, ଗୃହପାଳିତ ପଶୁ ଆହତ ହେଉଛନ୍ତି

**ଖଇରା, ୧୦ ।୧(ସମିସ):**

ବାଲେଶ୍ୱର ଜିଲାର ଖଇରା ଓ ସିମୁଳିଆ ଦୁଇ ବ୍ଲକକୁ ସଂଯୋଗ କରୁଥିବା ଓଝାପୋଖରୀ-ଅଡା ଭାୟା ସାରଡାଙ୍ଗ ରାସ୍ତା କାଳ ସାଜିଛି । ଘରୁ ବାହାରି ଏହି ରାସ୍ତାରେ ଯିବାକୁ ସେମାନଙ୍କୁ ୧୦ଥର ଭାବିବାକୁ ପଡୁଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପ୍ରୀତି ଯୋଗୁଁ ଲୋକଙ୍କୁ ରାସ୍ତା ଆରମ୍ଭ ଦିନଠାରୁ ବିପଦର ସାମନା କରିବାକୁ ପଡୁଛି । ଠିକାଦାର ଜଣକ ରାସ୍ତା ତିଆରି କରିବାକୁ ଯାଇ ରାସ୍ତା ପାର୍ଶ୍ୱକୁ ୪ମାସ ପୂର୍ବରୁ ଖୋଳି ଛାଡି ଦେଇଛନ୍ତି । ଏଣୁ ପ୍ରତ୍ୟେକ ଦିନ ମଣିଷ ଓ ଗୃହପାଳିତ ପଶୁ ଆହତ ହେଉଛନ୍ତି । ଏହାଭିତରେ ନନ୍ଦୁର ଗ୍ରାମର ବିନୋଦ ନାୟକ ଲାଲା ସିଂ ଓ ସୁଙ୍ଗୁଡା ଗ୍ରାମର ରଘୁନାଥ ଦାସଙ୍କ ଭଳି ବହୁ ଲୋକ ଖୋଳାଯାଇଥିବା ଖାଲରେ ପଡ଼ି ଖଣ୍ଡିଆଖାବରା ହୋଇ ସାରିଲେଣି । ଅନ୍ୟପକ୍ଷେ ରାସ୍ତା ନିର୍ମାଣ ଆଳରେ ପାଣିପାଇପ ନଷ୍ଟ କରି ଦିଆଯାଇଛି । ଏଣୁ ବର୍ଷେ ଧରି ନନ୍ଦୁର, ଅସୁରିଆ, ରୁଢିଙ୍ଗିଆ, ସାରଡାଙ୍ଗର ବିଭିନ୍ନ ସାହି ବାସିନ୍ଦା ଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇ ରହିଛନ୍ତି । ଖୁବଶିଘ୍ର



ଗ୍ରାମବାସୀ ଏହା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ୨୦୨୨ରେ ୪କୋଟି ୮୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ରାସ୍ତା ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ଜଣକ ୬ମାସ ଧରି କାର୍ଯ୍ୟ ଆରମ୍ଭ ନ କରିବା ପ୍ରତିବାଦରେ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ଟେଣ୍ଡର ବାତିଲ କରିଥିଲେ । ଏଥିଲାଗି ସମ୍ପୃକ୍ତ ଠିକାଦାର ଜଣକ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟରେ ପଶି ମାଡ ମାରିବା ପରେ ଘଟଣା ସିମୁଳିଆ ଥାନାକୁ ମଧ୍ୟ ଯାଇଥିଲା । ଲୋକେ ଭାବିଥିଲେ ଯେ ଏଥର ପୁନଃ ଟେଣ୍ଡର ପ୍ରକ୍ରିୟାରେ ଜଣେ ଦାୟିତ୍ୱବାନ ଠିକାଦାରଙ୍କୁ ଚୟନ କରାଯିବ; ହେଲେ କିଛି ନୂଆ ଅଧିକାରୀ ବଦଳି ହୋଇ ଆସିବା ପରେ ଲୋକଙ୍କ କଷ୍ଟକୁ ଜଳାଞ୍ଜଳି ଦେଇ ପୁଣି ସେହି ପୁରୁଣା ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଲେ । ଏଣୁ ଲୋକଙ୍କ କଷ୍ଟ ଦ୍ୱିଗୁଣା ବଢ଼ିଯାଇଛି । ଏବେ ଖୋଳା ହୋଇଥିବା ରାସ୍ତା ବିପଦକୁ ନିମନ୍ତ୍ରଣ କରୁଛି । ଏବେକାର ଯନ୍ତ୍ରୀମାନେ ଠିକାଦାରଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଆଜି ଲୋକେ ଏଭଳି ଅବସ୍ଥାରେ ପଡୁଥିବା ପଦ୍ମଲୋଚନ ନାୟକ, ତୁଷାରକାନ୍ତ ପତି, ଗୌରାଙ୍ଗ ମହାନ୍ତି ଓ ତପନ ବାରିକ ପ୍ରମୁଖ ଅଭିଯୋଗ କରିବା ସହ ଗ୍ରାମ ଉନ୍ନୟନ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ହସ୍ତକ୍ଷେପ ଦାବୀ କରିଛନ୍ତି । ତେବେ ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସେଠୀଙ୍କୁ ଯୋଗାଯୋଗ କରିବାରୁ ଖୁବ୍‌ଶିଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

# ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



**ବାଲିଆପାଳ, ୧୦ ।୧(ସମିସ):** ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ବରିଷ୍ଠ କର୍ମୀ ପୂର୍ଣ୍ଣ ଜେନା ଏଥିରେ ସଭାପତିତ୍ୱ କରିଥିଲେ । କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଙ୍କ ରବୀନ୍ଦ୍ର ଜେନା ଯୋଗଦେଇ କର୍ମୀମାନଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଏବଂ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ଅନେକ କର୍ମୀ ଅନ୍ୟ ଦଳରୁ ଆସି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ସୁବାସିନୀ ଜେନା, ବିଜେଡି ଜିଲ୍ଲା ଉପ ସଭାପତି ଦେବ ଦେ, କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବ୍ଲକ ମହିଳା ସଭାପତି କସ୍ତୁରୀବାଳା ପାତ୍ର, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ପୂର୍ବତନ ବ୍ଲକ ସଭାପତି ଚକ୍ରଧର ଗିରି, ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳ ଲୋଚନ କର, ଯୁବନେତା ସନ୍ତୋଷ ମାହାଳିକ, ଜୟାନନ୍ଦ କୁହ୍ଲାରୀ, ଜଗବନ୍ଧୁ ଜେନା, ରାମକୃଷ୍ଣ ପାତ୍ର, ପ୍ରଭାକର ଜେନା ପ୍ରମୁଖ ବହୁ ନେତା, କର୍ମୀ ଓ ଶତାଧିକ ମହିଳା ଯୋଗ ଦେଇଥିଲେ ।

# ଭଜହରି ଉଚ୍ଚବିଦ୍ୟାପୀଠ ୨୦୦୨ ବ୍ୟାଚ୍ ବନ୍ଧୁମିଳନ

**ସୋର, ୧୦ ।୧(ସମିସ):** ସୋର ବ୍ଲକ ମାଣତ୍ରି ପଞ୍ଚାୟତ ନୂଆପୁର-ଦହିପୁର ଭଜହରି ଉଚ୍ଚବିଦ୍ୟାପୀଠର ୨୦୦୨ ବ୍ୟାଚ୍‌ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । କଲେଜଛକ ଓମ୍‌ସାଇ ମଣ୍ଡପରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରା ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ସଭାରେ ସୁନୀଲ ରଞ୍ଜନ ଦାସ, ପ୍ରାକ୍ତନ ଶିକ୍ଷକ ଉମାକାନ୍ତ ନାୟକ, ମଧୁସୂଦନ ରାଉତ, କରୁଣାକର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ବଳରାମ ସ, ଶିକ୍ଷକ ଦିବାକର ନାୟକ, ମମତା ରାଉତ ଉପସ୍ଥିତ ଥିଲେ । ବନମାଳୀ ମହାରଣା ପରିଚାଳନା କରିଥିଲେ । ମୃତ୍ୟୁଞ୍ଜୟ ଜେନା, ଗୋଲୋକ ନାୟକ, ଦୀପକ ଜେନା, ଦିଲ୍ଲୀପ ସାହୁ, ପ୍ରଶାନ୍ତ ବେହେରା, ମନ୍ମଥ ବେହେରା, ସଞ୍ଜୟ ପଣ୍ଡା, ଉମେଶ ଗିରି, ପ୍ରଭାକର ଜେନା, ଗୌରାଙ୍ଗ ଭୋଳ, ପୂର୍ଣ୍ଣଚନ୍ଦ୍ର ନାୟକ, ଉମାକାନ୍ତ ବାରିକ, କୃତ୍ତିବାସ ମହାରଣା, ବିଶେଶ୍ୱର ଜେନା, ତିଲୋତ୍ତମା ବେହେରା, ରତ୍ନମଣି ବାରିକ, ରଞ୍ଜିତା ଜେନା, ଗୀତାଞ୍ଜଳି ଶଙ୍ଖୁଆ, ସରୋଜିନୀ ନାୟକ, ପଦ୍ମାବତୀ ବେହେରା ଓ ଜୟନ୍ତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।




# ପୁରୁଷୋତ୍ତମ ଜେନାଙ୍କ ସ୍ମୃତିଚାରଣ



**ଭୋଗରାଇ, ୧୦ ।୧(ସମିସ):** ଦେଉଳା ପଞ୍ଚାୟତ ସୁଆଶୁଣି ଗ୍ରାମ ବାସିନ୍ଦା ତଥା ୩୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନାଙ୍କ ପିତା ପୁରୁଷୋତ୍ତମ ଜେନାଙ୍କ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଏକାଦଶାହ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ସ୍ମୃତିଚାରଣ ସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରରେ ସମୁଦାୟ ୨୦ ୟୁନିଟ ରକ୍ତ ସଂଗୃହିତ ହୋଇଛି । ବାଲେଶ୍ୱର ରକ୍ତ ଭଣ୍ଡାରର ଡାକ୍ତର ସଞ୍ଜୀବ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ, ଭୋଗରାଇ ବ୍ଲକ ରକ୍ତଦାତା ସଂଘର ସଭାପତି ଅଧୀର ଗିରି ଗୋସ୍ୱାମୀ, ସୁବାଷ ଚାନ୍ଦ, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ସାମ୍ବାଦିକ ଅଂଶୁମାନ ରାଉତ ଓ ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସ୍ମୃତିଚାରଣ ସଭାରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ ଅଧକ୍ଷତା କରିଥିଲେ । ସୁଶାନ୍ତ ନାୟକ ଓ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅତୁଲ ଚନ୍ଦ୍ର ଜେନା ସଞ୍ଚାଳନ କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଭୋଗରାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର ଗିରି, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ ଗିରି, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ଆଶିଷ ପାତ୍ର, ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ପସରବିନ୍ଧା ସରପଞ୍ଚ ସୁମନ୍ତ ବେହେରା, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ମନ୍ଦାରସାହି ସରପଞ୍ଚ ମମତା ସାହୁ, ପୂର୍ବତନ ଦେଉଳା ସରପଞ୍ଚ ଅରୁଣ ପ୍ରଧାନ ଓ ସୁକୁମାର ଜେନା, ଦେଉଳା ପଞ୍ଚାୟତ କଂଗ୍ରେସ ସଭାପତି ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ପ୍ରମଥ ଗିରି, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ପ୍ରବୀର ତୋଳା, ଆରଆଇଏଚଏସ ମହାବିଦ୍ୟାଳୟର ଅଧକ୍ଷ କେଦାର ସିଂ ଦାସ, ଅବସରପ୍ରାପ୍ତ ପ୍ରଫେସର କାର୍ତ୍ତିକ ଚାନ୍ଦ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଜେନା ଓ ଷଡାନନ ସାହୁ, ପୂର୍ବତନ ସରପଞ୍ଚ ରେଣୁକା ଦାସ, ସୁନାଧରବସାଣ ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ସୁନୀଲ କର, ଅଜୟ ବେହେରା, ଯୁବ ନେତା କପିଳ ନାଥ, ମାନସ ଚନ୍ଦ୍ର, ବିପିନ କର, ରବିଲାଲ ପଟେଲ, ଆଇନଜୀବୀ ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମରୁଡ଼ି

- ପ୍ରାଥମିକ ଚିକିତ୍ସା ପାଇଁ ୬ ପଞ୍ଚାୟତର ଲୋକେ ଡହଳବିକଳ
- ଫାର୍ମାସିଷ୍ଟ ହିଁ ଭରସା

**ନାମ୍ପୋ, ୧୦ ।୧(ସମିସ):** ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତରେ ଅବସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର । ଏହାଫଳରେ ୬ରୁ ଅଧିକ ପଞ୍ଚାୟତର ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ । ଦୀର୍ଘ ବର୍ଷ ହେବ ନାମ୍ପୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ରହିଥିଲା । ଏଣୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନାମ୍ପୋ ବରିଷ୍ଠ ନାଗରିକ ପରିଷଦ ଓ କେତେକ ସମାଜସେବୀ ଓ ସାମାଜିକ ସଂଗଠନ ପକ୍ଷରୁ ବାରମ୍ବାର ଦାବି ଓ ଅନଶନ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ଏମବିବିଏସ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା । ୨ ମାସ ହେବ ସମ୍ପୃକ୍ତ ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଗଲା ପରେ ଡାକ୍ତର ପଦବୀ ଖାଲି ପଡ଼ିଛି । ଲୋକେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି । ନିୟମ ଅନୁଯାୟୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏମବିବିଏସ, ଜଣେ ଫାର୍ମାସିଷ୍ଟ, ଜଣେ ନର୍ସ, ଜଣେ ନିଦାନ ବିଭାଗ ଓ ଜଣେ ଆୟୁସ ଡାକ୍ତର ରହିବ କଥା ।

# ପଥୁରିଆରେ ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର



**ଦହମୁଣ୍ଡା, ୧୦ ।୧(ସମିସ):** ଭୋଗରାଇ ବ୍ଲକ ସିଆରୋଇ ଗ୍ରାମ ପଞ୍ଚାୟତ ପଥୁରିଆ ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ମୁକୁଳା ରହିଛି । ଏହି ରାସ୍ତା ପାର୍ଶ୍ୱ ଦେଇ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯାତାୟାତ ସହ କୁନି କୁନି ପିଲାସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଯାଇଥାନ୍ତି । ଅନେକ ସମୟରେ ଗାଈଗୋରୁ ମଧ୍ୟ ବିଚରଣ କରି ଥାଆନ୍ତି; ମାତ୍ର ବିଦ୍ୟୁତ ବିଭାଗର ଏଭଳି ଖାମଖିଆଲି ନୀତି ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି । ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ନଜର ପଡୁଥିଲେ ବି ଏହାକୁ ଆବଦ୍ଧ କରାଯାଉନି । କେତେବେଳେ କାହାର ଜୀବନ ଚାଲି ଯାଇପାରେ ସେ କଥା କହିହେବନି । ତୁରନ୍ତ ଉକ୍ତ ଟ୍ରାନ୍ସଫର୍ମର ଚାରିପାଖରେ ତାରବାଡ଼ କିମ୍ବା ପାଚେରୀ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



**ବାଲିଆପାଳ, ୧୦ ।୧(ସମିସ):** ଶ୍ରୀରାମପୁର ପଞ୍ଚାୟତ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (କ୍ଷୀରୋଦା ବିହାର) ର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସଭାପତି ତଥା ପ୍ରାକ୍ତନ ସେନା ଅଧିକାରୀ ମାନସ ବେହେରାଙ୍କ ସଭାପତିତ୍ୱରେ ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପାତ୍ର, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ବେହେରା, କୋଷାଧ୍ୟକ୍ଷ ବଂଶୀଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଗୁରୁମା ଅଞ୍ଜନା ମିଶ୍ର, ଗୁରୁଜୀ ଜଳଧର ଦେ, ନିର୍ମଳ ଧଳ, ଗୁରୁମା କୃଷ୍ଣା କୁମାରୀ ସୁର, ଝୁନା ରାଣୀ ଦାସ, ଚିନ୍ମୟୀ କର, ବିଦ୍ୟୁତ୍‌ପ୍ରଭା ଦେ, ସସ୍ମିତା ନାୟକ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ସ୍ନେହଲତା ଦେ, ଜାନକୀ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

# ନଦୀଗାଁ ଗୁହାଳଡିହିରେ ଅକ୍ଷତ ବଣ୍ଟନ



**ସୋର, ୧୦ ।୧(ସମିସ):** ସୋର ବ୍ଲକ ନଦୀଗାଁ ପଞ୍ଚାୟତ ଗୁହାଳଡ଼ିହି ଗ୍ରାମରେ ଅଯୋଧ୍ୟାରୁ ଆସିଥିବା ମହାପ୍ରଭୁ ଶ୍ରୀରାମଚନ୍ଦ୍ର ମନ୍ଦିରର ଅକ୍ଷତ, ରାମମନ୍ଦିରର ଫଟୋ ଚିତ୍ର ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି । ଗ୍ରାମରେ ଥିବା ବାବା ବଜରଙ୍ଗବଳିଙ୍କ ପୀଠରୁ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଘର ଘର ବୁଲି ୨୨ ତାରିଖ ସକାଳେ ପ୍ରଭୁ ରାମଚନ୍ଦ୍ରଙ୍କ ନାଁରେ କଳସ ଆଣି ଅକ୍ଷତ ପାଖରେ ରଖି ଦୀପ ଲଗାଇ ପ୍ରଭୁ ରାମଚନ୍ଦ୍ରଙ୍କୁ ସ୍ମରଣ କରିବାକୁ ଅନୁରୋଧ କରାଯାଇଛି । ବିଜେପି ନେତା ରବୀନ୍ଦ୍ର ଜେନା, ରାକେଶ ମଲିକ, ପୂର୍ବତନ ନଗରପାଳ ନଳିନୀ କାନ୍ତ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରଶ୍ମିରାଣୀ ଜେନା, ବିଜେପି ପଞ୍ଚାୟତ ସଭାପତି ଲିଜା ବାରିକ୍, ମହେଶ ଜେନା, ପ୍ରକାଶ ମାଝୀ, ବଳରାମ ଜେନା, ରଶ୍ମିରଞ୍ଜନ କବି ପ୍ରମୁଖ ଲୋକଙ୍କୁ ବୁଝାଇଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର ପୁନର୍ଗଠନ



**ସିମୁଳିଆ, ୧୦ ।୧(ସମିସ):** ସିମୁଳିଆ ବ୍ଲକ ବରି ପଞ୍ଚାୟତର ବରିଷ୍ଠ ନାଗରିକ ମଞ୍ଚ ପୁର୍ନଗଠନ ହୋଇଛି । ବରି ହାଇସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ସୁଶ୍ରୀ କମଳିନୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଉପସଭାପତି ବିରେନ୍ଦ୍ର ନାୟକ, ସଂଗଠନ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ନିଶାକର ବେହେରା, ଓ କହ୍ନେଇବିନ୍ଧା ପଞ୍ଚାୟତ ସଭାପତି ହରନାରାୟଣ ପଣ୍ଡା ଯୋଗ ଦେଇଥିଲେ । ତେବେ ନୂତନ କମିଟିରେ ସଭାପତି ରୂପେ ପୂର୍ଣ୍ଣଚନ୍ଦ୍ର ମହାରଣା, ଉପସଭାପତି ଭାବେ ଗଙ୍ଗାଧର ପାଣ୍ଡେ, ସାଧାରଣ ସମ୍ପାଦକ ଭାବେ ମହେନ୍ଦ୍ର ପ୍ରସାଦ ସେଠୀ, ସହ-ସମ୍ପାଦକ ଭାବେ ହରପ୍ରସାଦ ସେଠୀ, ସଂଗଠନ ସମ୍ପାଦକ ଭାବେ ରାଜକିଶୋର ମହାରଣା, କୋଷାଧ୍ୟକ୍ଷ ଭାବେ ବେଣୁଧର ବନ୍ଧଙ୍କୁ ଦାୟିତ୍ୱ ମିଳିଛି । ଅନ୍ନପୂର୍ଣ୍ଣା ବେହେରା, ନାରାୟଣ ସାହୁ, ହିରନମୟ ରାୟ, ପଞ୍ଚାନନ ସାହୁ, ଭଗବାନ ପରିଡ଼ା କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ ହୋଇଛନ୍ତି । ଭଗୀରଥି ବନ୍ଧ, ସୁଶ୍ରୀ କମଳିନୀ ପାଣିଗ୍ରାହୀ, ବନମାଳୀ ସାହୁ, ବିନୋଦ ବିହାରୀ ପଣ୍ଡା, କହ୍ନେଇ ମୁଦୁଲି ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି ।

## ଗୋପୀନାଥ ସୂତାକଳ ଏବେ ଭୂତକୋଠି

# ଦିନେ ଗହଳି ଥିଲା; ଆଜି ଭୂତକୋଠି

**ବଳରାମପୁର, ୧୦ ।୧(ସମିସ):**

ବାଲିଆପାଳ ବ୍ଲକରେ ଥିବା ଗୋପୀନାଥ ସୂତାକଳ ଏବେ ଭୂତକୋଠି । ଦିନ ଥିଲା ଯେଉଁଠି ଲୋକଙ୍କ ଗହଳ ଚହଳ ଲାଗି ରହୁଥିଲା ସେଇ ସ୍ଥାନକୁ ଏବେ ଲୋକ ଯିବାକୁ ଭୟ କରୁଛନ୍ତି । ଏହି ସୂତାକଳରେ କାମ କରି ଛଟେଇ ହେଇଥିବା କର୍ମଚାରୀଙ୍କ ଦୁଃଖ କହିଲେ ନ ସରେ । କିଏ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଛି ତ ଆଉ କିଏ ଦାଦନ ଖଟିବାକୁ ଯିବାକୁ ପଡୁଛି । ତେବେ ଏବେ ବି ସେମାନଙ୍କ ମନରେ ଆଶା ରହିଛି ପୁଣି ଏହି ସୂତାକଳ ଚାଲିବ ଏବଂ ସେମାନେ ବାହାର ରାଜ୍ୟକୁ ନ ଯାଇ ନିଜ ବ୍ଲକରେ



କାମ କରିବେ । ଘଣ୍ଟାକୁ ଥରେ ସାଇରନ ବାଜିବ । ଚାଷ କାମରେ ବ୍ୟସ୍ତଥିବା ଚାଷୀ ଘରକୁ ଯିବାର ସମୟ ଜାଣିପାରିବେ । ଏହି ସୂତାକଳରେ ଦିନେ ପ୍ରାୟ ୬ ଶହରୁ ଅଧିକ ଶ୍ରମିକ, କର୍ମଚାରୀ ଥିଲେ । ଏହି କାରଖାନା ଦାନାପାଣି ଯୋଗାଉଥିଲା । ଅବଶ୍ୟ ୨୦୧୪ରେ ପିକନ ଇଲେକ୍ଟ୍ରୋନିକସ ନାମକ ରାଜ୍ୟ ବାହାରର ଏକ କମ୍ପାନୀକୁ ଏହି ସୂତାକଳ ଚଳାଇବାର ଦାୟିତ୍ୱ ଦିଆଯାଇଥିଲା । ସୂତାକଳକୁ କିଣିଥିବା କମ୍ପାନୀ ଏବେ ୪ଜଣ କର୍ମଚାରୀଙ୍କୁ କେବଳ ଏହି ପରିସର ବୁଝାସୁଝା କରିବା ପାଇଁ ରଖିଛି । ତେବେ ବକେୟା ବିଦ୍ୟୁତ୍ ଦେୟକୁ ନେଇ କମ୍ପାନୀ ଦ୍ୱନ୍ଦରେ ପଡ଼ିଛି । ଏଣୁ କିଛି ଦିନ ସମୟ ଲାଗିବ ବୋଲି ଶୁଣାଯାଉଛି ।

